ଏସ୍କେ ରୋଡୱେଜ୍ (ଫର୍ମ)

ବନାମ

ଆନନ୍ଦକ୍ରିଷ୍ଣନ ବସ୍ ସର୍ଭିସ

ଅଗଷ୍ଟ 17, 1994

[କେ. ରାମାସ୍ୱାମୀ ଏବଂ ଏସ୍. ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୋଟର ଯାନ ଅଧିନିୟମ, 1939 - ଧାରା 46 -ଯାତ୍ରୀବାହୀ ଗାଡି ଅନୁମତି ପତ୍ର ମଞ୍ଜୁର - ଅଙ୍କ ପ୍ରଦାନ ପାଇଁ ପ୍ରାର୍ଥୀଙ୍କ ଦାବି -ସମ୍ପୃକ୍ତ ଦାବିଗୁଡ଼ିକର ବିଚାର ପାଇଁ ପ୍ରାସଙ୍ଗିକ ତାରିଖ -ଏହା ଆବେଦନ କରିବାର ତାରିଖ ନୁହେଁ ବରଂ ବିଚାରର ତାରିଖ ଅଟେ ।*

ପ୍ରତିଦ୍ୱନ୍ଦ୍ୱୀ ଉତ୍ତରଦାତାଙ୍କ ସହିତ ଅପିଲକାରୀ ଯାତ୍ରୀ ପରିବହନ ଅନୁମତି ପତ୍ର ମଞ୍ଜୁର ପାଇଁ ଆବେଦନ କରିଥିଲେ । ସମ୍ପୃକ୍ତ ପକ୍ଷର ବିଚାରକ୍ରମେ R.T.A. ଅପିଲକାରୀଙ୍କୁ ଅନୁମତି ପ୍ରଦାନ କରି ତାଙ୍କୁ 10 ଅଙ୍କ ଏବଂ ଉତ୍ତରଦାତାଙ୍କୁ 8 ଅଙ୍କ ଦେଇଥିଲେ । R.T.A. ନିର୍ଣ୍ଣୟ କରିଥିଲେ ଯେ ଅଙ୍କ ଦେବା ନିମନ୍ତେ ପ୍ରାର୍ଥୀଙ୍କ ସମ୍ପୃକ୍ତ ଦାବି ଉପରେ ବିଚାର କରିବା ପାଇଁ ଆବେଦନ ତାରିଖ ହେଉଛି ପ୍ରାସଙ୍ଗିକ ତାରିଖ । ଅପିଲ ଉପରେ, R.T.A.ଙ୍କ ଆଦେଶକୁ S.T.A.T. ଖାରଜ କରିଦେଇଥିଲେ ଏବଂ ଆବଶ୍ୟକ ଅଙ୍କ ମଞ୍ଜୁର କରିବା ପାଇଁ ଯୋଗ୍ୟତାକୁ ବିଚାର କରିବା ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ତାରିଖ ଭାବରେ ବିଚାର ତାରିଖକୁ ନେଇ ଉତ୍ତରଦାତାଙ୍କୁ ଅନୁମତି ମଞ୍ଜୁର କରିଥିଲେ । ପୁନରୀକ୍ଷଣରେ, ଉଚ୍ଚ ନ୍ୟାୟାଳୟ ଅପିଲୀୟ ପ୍ରାଧିକରଣଙ୍କ ଆଦେଶକୁ କାଏମ ରଖିଥିଲେ । ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଦାଖଲ କରାଯାଇଥିଲା ।

ଏହି ଅପିଲରେ ଉତ୍ଥାପିତ ଏକମାତ୍ର ପ୍ରଶ୍ନ ଏହା ଥିଲା ଯେ ବିଚାର ତାରିଖ କିମ୍ବା ଆବେଦନ ତାରିଖ ଅନୁଯାୟୀ RTA ସମ୍ପୃକ୍ତ ଦାବିଗୁଡ଼ିକୁ ବିଚାର କରିବା ଉଚିତ୍ କି ।

ଅପିଲକୁ ଖାରଜ କରି, ଏହି ଅଦାଲତ

ନିର୍ଣ୍ଣୟ କରିଥିଲେ: 1.1 ମୋଟର ଯାନ ଅଧିନିୟମ, 1939 ର ଧାରା 46 ଅନୁଯାୟୀ ଅନୁମତି ମଞ୍ଜୁର ପାଇଁ ଆବଶ୍ୟକ ଅଙ୍କ ଦେବାର ଯୋଗ୍ୟତା ଉପରେ ବିଚାର କରିବା ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ତାରିଖ ବିଚାର କରିବାର ତାରିଖ ଅଟେ । ଆଇନର ଏହି ଘୋଷଣା ଅଧିନିୟମ

**5/1958 ର ଧାରା 46 ଅନୁଯାୟୀ ବୈଧାନିକ କାର୍ଯ୍ୟାନୁଷ୍ଠାନରେ ସୀମିତ ଏବଂ ସ୍ୱତନ୍ତ୍ର ଅଟେ । [707-G, H, 708-A]**

*ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ* **ବନାମ** *ମଙ୍ଗରୁଲପୀର ଜେ.ଟି. ମୋଟର ସର୍ଭିସ୍ (ପି) ଲିମିଟେଡ୍ ଏବଂ ଅନ୍ୟମାନେ,* **[1971] Supp. SCR 561;** *ଧାନୀ ଦେବୀ* **ବନାମ** *ସଛ ବିହାରୀ ଏବଂ ଅନ୍ୟମାନେ,* **[1969] 2 SCR 507 ଏବଂ** *ଏ. ଏସ୍. ଜଲାଲୁଦ୍ଦିନ୍* **ବନାମ** *ବାଲାସୁବ୍ରମଣ୍ୟାର୍ ବସ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟଜଣେ* C.A. ସଂଖ୍ୟା 161/1965, **ଯାହା 31-10-1967 ତାରିଖରେ ନିଷ୍ପତ୍ତି ନିଆଯାଇଥିଲା (ସର୍ବୋଚ୍ଚ ନ୍ୟାୟାଳୟ), ଏହା ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 570/1980 ।

C.R.P. ସଂଖ୍ୟା 88/1978ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 5.3.80 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ସି. ଏସ୍. ବୈଦ୍ୟନାଥନ, କେ. ବିଶ୍ୱନାଥନ ଏବଂ କେ. ଭି. ଭେଙ୍କଟରମଣ ।

ଉତ୍ତରଦାତାଙ୍କ ପକ୍ଷରୁ ଏସ୍. ଶ୍ରୀନିବାସନ୍ ଏବଂ ଶ୍ରୀମତୀ ଏନ୍. ଅନ୍ନପୁରାନୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ପ୍ରତିଦ୍ୱନ୍ଦ୍ୱୀ ଉତ୍ତରଦାତାଙ୍କ ସହିତ ଅପିଲକାରୀ 10 ଅକ୍ଟୋବର, 1975 ତାରିଖରେ କିମ୍ବା ତା'ପୂର୍ବରୁ ତିରୁଚିରାପଲ୍ଲୀରୁ ଜୟକୋଣ୍ଡମ୍ ପର୍ଯ୍ୟନ୍ତ ରାସ୍ତାରେ ଯାତ୍ରୀବାହୀ ଗାଡି ପରିବହନର ଅନୁମତି ମଞ୍ଜୁର କରିବା ପାଇଁ ଆବେଦନ କରିଥିଲେ । 22 ଅକ୍ଟୋବର, 1975 ତାରିଖରେ ଆପତ୍ତି ଆହ୍ବାନ କରାଯାଇଛି ଏବଂ ଆପତ୍ତି ଦାଖଲ କରିବାର ଶେଷ ତାରିଖ 10 ନଭେମ୍ବର, 1975 ତାରିଖ ଥିଲା । ସମ୍ପୃକ୍ତ ଦାବିକୁ ବିଚାରକୁ ନେବାପରେ ତିରୁଚିରାପଲ୍ଲୀସ୍ଥିତ R.T.A. ଅପିଲକାରୀଙ୍କୁ 10 ଅଙ୍କ ଏବଂ ଉତ୍ତରଦାତାଙ୍କୁ 8 ଅଙ୍କ ପ୍ରଦାନ କରିଥିଲେ । ସେହି ଆଧାରରେ RTA ଅପିଲକାରୀଙ୍କୁ ଅନୁମତି ପ୍ରଦାନ କରିଥିଲେ । ଉତ୍ତରଦାତା ଏହି ମାମଲାକୁ S.T.A.T ରେ ଅପିଲ କରିଥିଲେ, ଯାହା ଏହାର 14 ନଭେମ୍ବର, 1977 ତାରିଖର ଆଦେଶ ଦ୍ୱାରା R.T.A.ର ଆଦେଶକୁ ଖାରଜ କରିଦେଇଥିଲେ ଏବଂ ଉତ୍ତରଦାତାଙ୍କୁ ଅନୁମତି ମଞ୍ଜୁର କରିଥିଲେ । C.R.P.

ସଂଖ୍ୟା 88/78 ରେ 5 ମାର୍ଚ୍ଚ, 1980 ତାରିଖର ଆଦେଶ ଦ୍ୱାରା ବିଦ୍ୱାନ ଏକକ ବିଚାରପତି S.T.A.T.ର ଆଦେଶକୁ ସମର୍ଥନ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହି ଅପିଲରେ ଉତ୍ଥାପିତ ଏକମାତ୍ର ପ୍ରଶ୍ନ ଏହା ଥିଲା ଯେ ବିଚାର ତାରିଖ କିମ୍ବା ଆବେଦନ ତାରିଖ ଅନୁଯାୟୀ RTA ସମ୍ପୃକ୍ତ ଦାବିଗୁଡ଼ିକୁ ବିଚାର କରିବା ଉଚିତ୍ କି । R.T.A. ନିର୍ଣ୍ଣୟ କରିଥିଲେ ଯେ ଆବେଦନ ତାରିଖ ହେଉଛି ପ୍ରାସଙ୍ଗିକ ତାରିଖ । କିନ୍ତୁ ଅପିଲୀୟ ପ୍ରାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ ସନ୍ଧାନ କରିଥିଲେ ଯେ ବିଚାର ତାରିଖ ପ୍ରାସଙ୍ଗିକ ତାରିଖ ଅଟେ । ସ୍ୱୀକାରଯୋଗ୍ୟ, ଉତ୍ତରଦାତା-ଅଂଶୀଦାରତ୍ୱ ସଂସ୍ଥାକୁ 1 ଏପ୍ରିଲ 1976 ତାରିଖରେ ଜଣେ ଈଶ୍ୱରନଙ୍କୁ ପରିଚାଳନା ଅଂଶୀଦାର ଭାବରେ ନେଇ ପୁନର୍ଗଠନ କରାଯାଇଥିଲା ଏବଂ ଏହା ଅଂଶୀଦାରତ୍ୱ ଅଧିନିୟମର ଧାରା 69 ଅନୁଯାୟୀ 21 ମେ, 1975 ତାରିଖରେ ପଞ୍ଜୀକୃତ କରାଯାଇଥିଲା । ସ୍ୱୀକାରଯୋଗ୍ୟ, ବିଚାର ତାରିଖ ଅନୁଯାୟୀ ପରିଚାଳନା ଅଂଶୀଦାରଙ୍କ ବୈଷୟିକ ଯୋଗ୍ୟତା ଥିଲା । ପରିଚାଳନା ଅଂଶୀଦାର ବୈଷୟିକ ଦୃଷ୍ଟିରୁ ଯୋଗ୍ୟ ବ୍ୟକ୍ତି ହୋଇଥିବାରୁ, ଉତ୍ତରଦାତାମାନେ ଯୋଗ୍ୟତା ଆଧାରରେ ଆହୁରି ଦୁଇଟି ଅଙ୍କ ପାଇବାକୁ ହକଦାର ଅଟନ୍ତି । ସେହି ତଥ୍ୟକୁ ବିଚାରକୁ ନେଇ ଅପିଲୀୟ ନ୍ୟାୟାଧିକରଣ 10 ଅଙ୍କ ପ୍ରଦାନ କରିଥିଲେ ଏବଂ ଯେହେତୁ ସେତେବେଳକୁ ଉତ୍ତରଦାତାଙ୍କ ପାଖରେ ତିନୋଟି ଅନୁମତି ଥିଲା, ତୁଳନାତ୍ମକ ମୂଲ୍ୟାଙ୍କନ ଉପରେ, ଉତ୍ତରଦାତାଙ୍କୁ ଅନୁମତି ମଞ୍ଜୁର କରିଥିଲେ । ବିଚାରର ତାରିଖ ପ୍ରାସଙ୍ଗିକ ତାରିଖ କି, ଏହି ପ୍ରଶ୍ନଟି ଆଉ ଅନିର୍ଣ୍ଣିତ ପ୍ରସଙ୍ଗ ହୋଇ ରହିନାହିଁ । *ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମ* ବନାମ *ମଙ୍ଗରୁଲପୀର ଜେ. ଟି. ମୋଟର ସର୍ଭିସ୍ (ପି) ଲିମିଟେଡ୍ ଏବଂ ଅନ୍ୟମାନେ,* [1971] Suppl. SCR 561 at 571 ମାମଲାରେ ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯେ:

> "ଦ୍ୱିତୀୟ ପ୍ରଶ୍ନରେ ଉଚ୍ଚ ନ୍ୟାୟାଳୟ ଏହା ନିର୍ଣ୍ଣୟ କରିବାରେ ତ୍ରୁଟି କରିଥିଲେ ଯେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷକୁ ଆବେଦନଗୁଡିକର ତାରିଖ ଅନୁଯାୟୀ ଆବେଦନକାରୀମାନଙ୍କ ସମ୍ପୃକ୍ତ ଯୋଗ୍ୟତା ଉପରେ ବିଚାର କରିବାକୁ ପଡିବ ଏବଂ ଅନୁମତି ମଞ୍ଜୁର ପାଇଁ ଆବେଦନଗୁଡ଼ିକର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକୃତ ବିଚାର ତାରିଖ ଅନୁଯାୟୀ ନୁହେଁ ।"

ସେହି ଉପସଂହାରର ସମର୍ଥନରେ ଏହି ଅଦାଲତ ବିଭିନ୍ନ ପରିସ୍ଥିତିକୁ ବିଚାର କରିଥିଲେ, ଏହି ଅଦାଲତ କହିଥିଲେ ଯେ ଆବେଦନ ତାରିଖ ଅନୁଯାୟୀ ଯଦି ଆବେଦନକାରୀମାନଙ୍କ ମଧ୍ୟରୁ

ଜଣଙ୍କ ବିରୁଦ୍ଧରେ ଦେବାଳିଆ ସୂଚକ ଆବେଦନ ବିଚାରାଧୀନ ରହିଛି, କିନ୍ତୁ ବିଚାର ତାରିଖରେ ଯଦି ତାଙ୍କୁ ଦେବାଳିଆ ବୋଲି ଘୋଷଣା କରାଯାଏ, ତେବେ ସେ ଆଇନର କାର୍ଯ୍ୟକାରିତା ଦ୍ୱାରା ଅନୁମତି ମଞ୍ଜୁରରୁ ବଞ୍ଚିତ ହେବେ । ଆବେଦନ ତାରିଖ ଅନୁଯାୟୀ ଯଦି କୌଣସି ଦୋଷସିଦ୍ଧି ହୁଏ ନାହିଁ, କିନ୍ତୁ ବିଚାର ତାରିଖ ଅନୁଯାୟୀ, ଯଦି ଜଣେ ଆବେଦନକାରୀ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେ ମଧ୍ୟ ବିଚାର ପାଇଁ ଅଯୋଗ୍ୟ ହେବେ ।

ଅନ୍ୟ ଏକ ପରିସ୍ଥିତି ଉପୁଜିଥିଲା, *ଧାନି ଦେବୀ* ବନାମ *ସନ୍ତ ବିହାରୀ ଏବଂ ଅନ୍ୟମାନେ,* [1969] 2 SCR 507 ମାମଲା ଏହା ଥିଲା ଯେ ଯେତେବେଳେ ବିଚାର ପୂର୍ବରୁ ଆବେଦନକାରୀଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ନଥିଭୁକ୍ତ କରାଯାଇଥିଲା । ଯେତେବେଳେ ଏହା ଉପରେ ପ୍ରଶ୍ନ କରାଯାଇଥିଲା, ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯେ ଅନୁମତି ମଞ୍ଜୁର ପାଇଁ ମୃତ ଆବେଦନକାରୀଙ୍କ ଭୂସମ୍ପତ୍ତିର ଉତ୍ତରାଧିକାରୀ ଭାବରେ ଆଇନଗତ ଉତ୍ତରାଧିକାରୀମାନେ ବିବେଚିତ ହେବାକୁ ହକଦାର ଅଟନ୍ତି । *ଏ. ଏସ୍. ଜଲାଲୁଦ୍ଦିନ୍* ବନାମ *ବାଲାସୁବ୍ରମଣ୍ୟାର୍ ବସ୍ ସର୍ଭିସ୍ (ପ୍ରାଇଭେଟ) ଲିମିଟେଡ୍ ଏବଂ ଅନ୍ୟଜଣେ,* C.A. ସଂଖ୍ୟା 161/(1965) ରେ 31.10.1967 ତାରିଖରେ ନିଷ୍ପତ୍ତି ନିଆଯାଇଥିଲା) ମାମଲାରେ ପ୍ରଶ୍ନ ଉତ୍ଥାପିତ ହୋଇଥିଲା ଯେ ଯେଉଁ ଆବେଦନକାରୀ ଏହି ମାର୍ଗର କୌଣସି ଏକ ରହଣି ସ୍ଥାନରେ ଶାଖା କାର୍ଯ୍ୟାଳୟ ପ୍ରତିଷ୍ଠା କରି ଆବାସିକ ଯୋଗ୍ୟତା ହାସଲ କରିଛନ୍ତି, ସେ ବିଚାର ତାରିଖ ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ କି । ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯେ ସେ ଏଥିପାଇଁ ହକଦାର ଅଟନ୍ତି । ଏହି ବିଚାରଗୁଡ଼ିକୁ ଦୃଷ୍ଟିରେ ରଖି, ଏହା ନିର୍ଣ୍ଣୟ କରାଯିବା ଉଚିତ୍ ଯେ ଅଧିନିୟମ IV/1939 ର ଧାରା 46 ଅନୁଯାୟୀ ଆବଶ୍ୟକ ଅଙ୍କ ପ୍ରଦାନ କରିବାର ଯୋଗ୍ୟତା ଉପରେ ବିଚାର କରିବା ଉଦ୍ଦେଶ୍ୟରେ ବିଚାର ତାରିଖ ହେଉଛି ପ୍ରାସଙ୍ଗିକ ତାରିଖ । ଏହି ଆଇନ 1970 ମସିହାରୁ କାର୍ଯ୍ୟକାରୀ ହୋଇଥିବାରୁ, ଆମେ ଭାବୁନାହୁଁ ଯେ ଏହି ନ୍ୟାୟାଳୟ ଦ୍ୱାରା ଏକ ବୃହତ୍ ଖଣ୍ଡପୀଠ ଦ୍ୱାରା ଏହା କୌଣସି ପୁନଃବିଚାର ଆବଶ୍ୟକ କରେ । ତଦନୁସାରେ, ଆମେ ନିର୍ଣ୍ଣୟ କରୁଛୁ ଯେ ବିଚାରର ତାରିଖ ହେଉଛି ପ୍ରାସଙ୍ଗିକ ତାରିଖ ଯାହା ଆଧାରରେ ଅନୁମତି ମଞ୍ଜୁର ନିମନ୍ତେ ଅଙ୍କ ପ୍ରଦାନ ପାଇଁ ପ୍ରାର୍ଥୀଙ୍କ ସମ୍ପୃକ୍ତ ଦାବି ବିଚାର କରିବାକୁ ପଡିବ । ଏହା ସ୍ପଷ୍ଟ କରାଯାଇଛି ଯେ ଆଇନର ଏହି ଘୋଷଣା ଅଧିନିୟମ 5/1958 ର ଧାରା 46 ଅନୁଯାୟୀ ବୈଧାନିକ କାର୍ଯ୍ୟାନୁଷ୍ଠାନରେ ସୀମିତ ଏବଂ ସ୍ୱତନ୍ତ୍ର ଅଟେ ।

ଏହା ପରେ ଏହି ଯୁକ୍ତି କରାଯାଇଛି ଯେ ଆବେଦନକାରୀ ରହିତାଦେଶ ଦ୍ୱାରା ସେବା ଜାରି ରଖିଛନ୍ତି ଏବଂ ସେଥିପାଇଁ, ସମୟର ବ୍ୟବଧାନରେ ଏହା ହସ୍ତକ୍ଷେପ ଆବଶ୍ୟକ କରେ । ଆମେ ଭୟ କରୁଛୁ ଯେ ଆମେ ଏପରି ଏକ ଯୁକ୍ତିକୁ ସମର୍ଥନ କରିପାରିବୁ ନାହିଁ, କାରଣ ଜଣେ ବ୍ୟକ୍ତି ଯିଏ ଅନୁମତି ମଞ୍ଜୁର ପାଇଁ ଅଯୋଗ୍ୟ ଥିଲେ, ସେ ନ୍ୟାୟାଳୟର ଆଦେଶ ଦ୍ୱାରା ମଞ୍ଜୁରୀର ବୈଧତା ପ୍ରାପ୍ତ କରିପାରିବେ ନାହିଁ । ତାଙ୍କର କେବଳ ବୈଧାନିକ ଅଧିକାର ରହିବା ଉଚିତ୍ ଯାହା କେବଳ ନ୍ୟାୟିକ ସମୀକ୍ଷା ଦ୍ୱାରା ସୁରକ୍ଷିତ ହୋଇପାରିବ ।

ପରବର୍ତ୍ତୀ ଯୁକ୍ତି ଉପସ୍ଥାପନ କରାଯାଇଛି ଯେ ଏହି ଅଦାଲତରେ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଆବେଦନରେ, ଉତ୍ତରଦାତା-ସଂସ୍ଥା ସ୍ୱୀକାର କରିଥିଲେ ଯେ ଜନସାଧାରଣଙ୍କ ପାଇଁ ଯାତ୍ରୀବାହୀ ପରିବହନ ସେବା ଜାରି ରଖିବାକୁ ସେମାନଙ୍କର ସ୍ଥିତି ନାହିଁ ଏବଂ ଅଦାଲତର ଅନୁମତି ଦ୍ୱାରା ମଞ୍ଜୁର ହୋଇଥିବା ଅନୁମତି ମଧ୍ୟରୁ ସେମାନେ ଗୋଟିଏର ଫଏସଲା କରିବାକୁ ଚାହୁଁଥିଲେ । ଏହା ଦର୍ଶାଇବ ଯେ ଉତ୍ତରଦାତା ଜନସାଧାରଣଙ୍କ ଭ୍ରମଣ ଆବଶ୍ୟକତାକୁ ପୂରଣ କରୁଥିବା ସେବାର ପରିଚାଳନା ଜାରି ରଖିବା ସ୍ଥିତିରେ ନାହାଁନ୍ତି ଏବଂ ସେଥିପାଇଁ, ଏହା ହସ୍ତକ୍ଷେପ ପାଇଁ ଏକ ମାମଲା ଅଟେ । ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ । ଗୋଟିଏ ଅନୁମତିପତ୍ରର ହସ୍ତାନ୍ତର ପାଇଁ ଅନୁମତିକୁ ସମର୍ଥନ କରି ଅନେକ ଆଧାର ପ୍ରଦାନ କରାଯାଇଛି, କିନ୍ତୁ ପ୍ରଶ୍ନରେ ଥିବା ଅନୁମତି ସେହି ଅନୁମତି ନଥିଲା, ଯାହା ପାଇଁ ଅନୁମତି ଲୋଡ଼ା ଯାଇଥିଲା । ଏଭଳି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଏବଂ ଅପିଲୀୟ ନ୍ୟାୟାଧିକରଣର ଆଦେଶରେ ହସ୍ତକ୍ଷେପ କରିବାର କୌଣସି ଯଥାର୍ଥତା ଆମେ ପାଉନାହୁଁ ।

ପରେ ଏହା ଯୁକ୍ତି କରାଯାଇଛି ଯେ ମୋଟର ଯାନ ଅଧିନିୟମ, 1988ର କାର୍ଯ୍ୟକାରିତା ଦ୍ୱାରା ଆଇନରେ ପରିବର୍ତ୍ତନ ଏବଂ ତାମିଲନାଡୁ ମୋଟର ଯାନ (ସ୍ୱତନ୍ତ୍ର ବ୍ୟବସ୍ଥା) ଅଧିନିୟମ, 1992 (ଅଧିନିୟମ 41/1992) ରେ ତାମିଲନାଡୁ ରାଜ୍ୟ ଦ୍ୱାରା ସ୍ୱତନ୍ତ୍ର ଆଇନକୁ, ଯାହା ମଞ୍ଜୁର ହୋଇଥିବା ସମସ୍ତ ଅନୁମତିର ନବୀକରଣକୁ ବୈଧ କରିଥାଏ, ଦୃଷ୍ଟିରେ ରଖି ଯେହେତୁ ଅପିଲକାରୀ ନବୀକରଣ ପ୍ରାପ୍ତ କରି ଅନୁମତି ଜାରି ରଖିଛନ୍ତି, ତେଣୁ ଏହାକୁ ଅନୁମତି ଜାରି ରଖିବାକୁ ଅନୁମତି ପ୍ରଦାନ କରାଯାଇପାରେ । ଆମେ କୌଣସି ନିର୍ଦ୍ଦେଶ ଦେଇପାରିବୁ ନାହିଁ ଯେ ଆଇନ ଅନୁଯାୟୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବା ପାଇଁ ଆବେଦନକାରୀ ଉନ୍ମୁକ୍ତ ଅଟନ୍ତି, ଯାହାର ବିଚାର କରାଯିବ ଏବଂ ଫଏସଲା କରାଯିବ ।

ତଦନୁସାରେ ଅପିଲକୁ ଖାରଜ କରାଯାଇଛି, କିନ୍ତୁ ଉକ୍ତ ପରିସ୍ଥିତିରେ, ଏହା ବିନା ଖର୍ଚ୍ଚରେ କରାଯାଇଛି ।

ଏ. ଜି. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ